# Akashvani, Sambalpur

## SAMBALPURI NEWS BULLETIN

### 14 April 2024- 6.47- 6.52 am.

**********************************************

ମହାବିଷୁବ ସଂକ୍ରାନ୍ତି       ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ମହାବିଷୁବ ସଂକ୍ରାନ୍ତି ।  ଆଝିର୍ ଦିନ୍‌ଠାନୁ ବସନ୍ତ ରତୁ ଶେଷ୍ ହେଇକରି ଗ୍ରୀଷ୍ମରତୁ ଆରମ୍ଭ ହେସି । ସୂର୍ଯ୍ୟଙ୍କର୍ ତାପ ବଢ଼୍‌ସି । ଦିହିର୍ ତାପ୍‌କେ କମ୍ କର୍‌ବାର୍ ଲାଗି ପନା ପିଇବାର୍ ପରମ୍ପରା ରହିଛେ । ହେଥିର୍‌ଲାଗି ଆଝିର୍ ଦିନ୍‌କେ ପଣା ସଂକ୍ରାନ୍ତି ଭାବେ ପାଲନ୍ କରାଯାଏସି । ଓଡ଼ିଆ ପାଞ୍ଜି ହିସାବେ ମହାବିଷୁବ ସଂକ୍ରାନ୍ତି ବଛର୍‌ର ପହେଲା ଦିନ୍ ହେଇଥିବାର୍‌ନୁ ଆଝିର୍ ଦିନ୍‌କେ ଓଡ଼ିଆ ନୂଆବଛର୍ ଭାବେ ଭିଲ୍ ପାଲନ୍ କରାଯାଏସି ।  ବଛର୍ ମୁଲ୍ ହେଉଥିବାର୍‌ନୁ ଘରେ ଘରେ ଦେ' ଦେବ୍‌ତାଙ୍କର୍ ଠାନେ ଖାସ୍ ପୂଜା କରାଯାଉଛେ । ରାଜ୍ୟପାଲ୍ ରଘୁବର୍ ଦାସ ପବିତ୍ର ମହାବିଷୁବ ସଂକ୍ରାନ୍ତି ଆର୍ ଓଡ଼ିଆ ନବବର୍ଷର୍ ପହେଲା ଦିନେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଆର୍ ଅଭିନନ୍ଦନ୍ ଜନାବାର୍ ସଙ୍ଗେ ଓଡ଼ିଶାକେ ଦେଶର୍ ଶ୍ରେଷ୍ଠ ରାଜ୍ୟ

କର୍‌ବାର୍ ଲାଗି ସଭେ ମନ୍ ଭରିକରି କାମ୍ କର୍‌ବାର୍‌କେ ଆହ୍ୱାନ୍ ଜନେଇଛନ୍ ।

ଦକ୍ଷିଣ ଓଡ଼ିଶା ନ ପଣା ସଂକ୍ରାନ୍ତି ଗୁଟେ ବଡ୍ ପର୍ବ । ଇତାକେ ମେରୁ ଯାତ୍ରା ପର୍ବ ବଲି କୁହାଯାଏସି । ବିଷୁବ ସଂକ୍ରାନ୍ତିଥି ରାଜ୍ୟର୍ ଭିନ୍ ଭିନ୍ ଜାଗାଥି ଝାମୁ ଯାତ୍ରା, ହିଙ୍ଗୁଳା ଯାତ୍ରା ଆର୍ ପଟୁଆ ଯାତ୍ରା ଭାବେ ପାଲନ୍ କରାଯାଉଛେ । ପ୍ରଭୁ ଶ୍ରୀ ରାମଙ୍କର୍ ଭକ୍ତବୀର ଶ୍ରୀ ଶ୍ରୀ ହନୁମାନ୍‌ଙ୍କର୍ ଭିଲ୍ ଆଏଜ୍ ଜନମ୍ ଦିନ୍ । ସାରା ଦେଶେ ପ୍ରଭୁ ଶ୍ରୀ ହନୁମାନ୍ ଜନ୍ମୋତ୍ସବ ଆନନ୍ଦ ଉଲ୍ଲାସ୍‌ଥି ପାଲନ୍ କରାଯାଉଛେ ।

କଂଗ୍ରେସ୍- ପ୍ରାର୍ଥୀ ଘୋଷ୍‌ନା ଆର୍‌ଏନ୍‌ୟୁ / ସମ୍ବଲପୁର

ସାଧାରଣ ନିର୍ବାଚନ୍ ଲାଗି କଂଗ୍ରେସ୍ ତର୍‌ଫୁ ୨ ନମ୍ବର୍ ଖେପେ ଓଡ଼ିଶାର୍ ୯ ଟା ଲୋକ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ଘୋଷ୍‌ନା କରାଯାଇଛେ । ଘୋଷ୍‌ନା ଅନ୍‌ସାରେ କଂଗ୍ରେସ୍ ତର୍‌ଫୁ ମୋହନ୍ ହେମ୍ବ୍ରମ୍‌ଙ୍କୁ କେନ୍ଦୁଝର୍, ଶ୍ରୀକାନ୍ତ ଜେନାଙ୍କୁ ବାଲେଶ୍ୱର୍, ଅନନ୍ତ ପ୍ରସାଦ୍ ସେଠୀଙ୍କୁ ଭଦ୍ରକ, ଅଂଚଲ୍ ଦାସ୍‌ଙ୍କୁ ଯାଜ୍‌ପୁର୍, ସସ୍ମିତା ବେହେରାଙ୍କୁ ଢେଙ୍କାନାଲ୍, ସିଦ୍ଧାର୍ଥ ସ୍ୱରୂପ ଦାସ୍‌ଙ୍କୁ କେନ୍ଦ୍ରାପଡ଼ା, ରବୀନ୍ଦ୍ର କୁମାର୍ ସେଠୀଙ୍କୁ ଜଗତ୍‌ସିଂହପୁର୍, ସୁଚରିତା ମହାନ୍ତିଙ୍କୁ ପୁରୀ ଆର୍ ୟାସିର୍ ନବାଜ୍‌ଙ୍କୁ ଭୁବ୍‌ନେଶ୍ୱର୍ ଲୋକ୍‌ସଭା ଆସନ୍‌ନୁ

ପ୍ରାର୍ଥୀ କରାଯାଇଛେ । ଇଟାକେ ମିଶେଇକରି କଂଗ୍ରେସ୍ ଓଡ଼ିଶାର୍ ୧୭ ଟା ଲୋକ୍ସଭା ଆସନ୍‌ର ପ୍ରାର୍ଥୀ ଘୋଷ୍ନା କରିଛେ ।

ଆମ୍ବେଦ୍କର୍ ଜୟନ୍ତୀ ଆର୍‌ଏନ୍‌ୟୁ ସମ୍ବଲପୁର୍

ଭାରତୀୟ ସମ୍ବିଧାନ୍‌ର ପ୍ରଣେତା ଡକ୍ଟର୍ ଭିମ୍‌ରାଓ ଆମ୍ବେଦକର୍‌ଙ୍କର୍ ଆଏଜ୍ ଶହେ ୩୪ ନମ୍ବର୍ ଜନମ୍ ଦିନ୍ । ୧୮୯୧ ମସିହା ଆଝିର୍ ଦିନେ ବାବା ସାହେବ୍ ମହାରାଷ୍ଟ୍ର ନ ଜନମ୍ ହେଇଥିଲେ ।  ତାଁକର୍ ଦ୍ୱାରା ତିଆର୍ କରାଯାଇଥିବା ସମ୍ବିଧାନ୍ ୧୯୫୦ ମସିହା ଜାନୁଆରୀ ମାସ ୨୬ ତାରିଖିଥି ଦେଶେ ଲାଗୁ କରାଯାଇଥିଲା । ଡକ୍ଟର୍ ଆମ୍ବେଦକର ଦେଶର୍ ପହେଲା ଆଇନ୍‌ମନ୍ତ୍ରୀ ଥିଲେ । ଦଲିତ୍ ଆଉ ପଛୁଆ ବର୍ଗର୍ ଲୋକ୍‌ମାନ୍‌କର୍ ସ୍ୱାର୍ଥ ଆର୍ ସ୍ୱାଭିମାନ୍ ରକ୍ଷା ଲାଗି ସେ ସବୁବେଲେ ଚେଷ୍ଟା କରୁଥିଲେ । ଇ ମହାନ୍ ନେତାଙ୍କର୍ ଅବଦାନ୍ ଲାଗି ୧୯୯୦ ମସିହାଥି ତାଁକୁ ମରଣୋତର ଭାବେ ଭାରତ୍ ରତ୍ନ ପୁରସ୍କାର୍ ଦିଆଯାଇଥିଲା । ସମ୍ବଲ୍‌ପୁର୍ ସହେତେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ବାବା ସାହେବ୍ ଡକ୍ଟର୍ ଆମ୍ବେଦ୍କର୍‌ଙ୍କୁ ତାଁକର୍ ଜନମ୍‌ଦିନେ ଶ୍ରଦ୍ଧାଞ୍ଜଲି ଜନାବାର୍ ଲାଗି କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

କୀଟନାଶକ୍- ପ୍ରେସ୍‌କିପ୍‌ସନ୍        ଆର୍‌ଏନ୍‌ୟୁ /  ସମ୍ୱଲପୁର

ରାଏଜେ ଚାଷ୍‌ଥି ରାସାୟନିକ୍ କୀଟନାଶକ୍ ବେଭାର୍ ରୁକ୍‌ବାର୍ ଉପ୍‌ରେ ରାଜ୍ୟ ସର୍‌କାର୍ ଜୋର୍ ଦେଉଛନ୍ । ଗଲା ବଛର୍ ଡିସେମ୍ୱର୍ ମାସୁ କୃଷି ଅଧିକାରୀଙ୍କର୍ ବିନା ପ୍ରେସ୍‌କିପ୍‌ସନ୍‌ଥି କୀଟନାଶକ୍ ବିକ୍ରି ଉପ୍‌ରେ କଟ୍‌କନା ଲାଗୁ କରାଯାଇଥିବାର୍ ବେଲେ ଖୋବ୍ ଜଲ୍‌ଦି ବିନା ପ୍ରେସ୍‌କିପ୍‌ସନ୍‌ଥି କୀଟନାଶକ୍ ବିକୁଥିବା ଡିଲର୍ ଆର୍ ଦୁକାନୀ ମାନ୍‌କର୍ ବିରୋଧ୍ ନ କାର୍ଯ୍ୟାନୁଷ୍ଠାନ୍ ହେବା ବଲି କୃଷି ବିଭାଗ୍ ତର୍‌ଫୁ କୁହାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, କେନ୍ଦ୍ର ରସାୟନ ଆଉ ସାର ମନ୍ତ୍ରଣାଲୟନୁ ମିଲିଥିବା ତଥ୍ୟ ଅନ୍‌ସାରେ ଓଡ଼ିଶା ନ ହେକ୍ଟର୍ କ ଶୂନ୍ ଦଶ୍‌ମିକ୍ ୧୫ କେଜି କୀଟନାଶକ ବେଭାର୍ ହେସି । ଯେନ୍‌ଟାକି ଦେଶେ ସବୁଠାନୁ ଅଏତ୍‌କା ଆଏ । ସେନ୍ତା ରାଜ୍ୟ କୃଷି ବିଭାଗ୍‌ର ତଥ୍ୟ ଅନ୍‌ସାରେ ରାଏଜେ ବଛର୍‌କ ୧ ହଜାର୍ ଶହେ ୫୮ ମେଟ୍ରିକ୍ ଟନ୍‌ନୁ ଅଏତ୍‌କା କୀଟନାଶକ୍ ବେଭାର୍ ହେସି । ବର୍‌ଗଡ଼୍, ସମ୍ୱଲ୍‌ପୁର୍, ବଲାଙ୍ଗିର୍, ଗଞ୍ଜାମ୍, ବାଲେଶ୍ୱର୍, କଟକ୍ ଜିଲ୍ଲା ନ ସବୁନୁ ଅଏତ୍‌କା କୀଟନାଶକ୍ ବେଭାର୍ ହେସି । ହେଥିର୍‌ଲାଗି ଚାଷୀମାନେ ଜହ ଖର୍ଚ୍ଚାଥି

ପଡୁଥିବାର୍ ବେଲେ ଫସଲ୍‌ର ଗୁଣାତ୍ମକମାନ ଆର୍ ଖାଏଲା ଲୁକ୍‌ର୍ ସ୍ୱାସ୍ଥ୍ୟ ପ୍ରଭାବିତ୍ ହେଉଛେ । ହେଥିର୍‌ଲାଗି ରାଜ୍ୟ ସର୍‌କାର୍ ସ୍ୱତନ୍ତ୍ର କୀଟନାଶକ୍ ନୀତି ଆନିଛନ୍ ।

## ଏମ୍ସ ସୌରଶକ୍ତି ପ୍ଲାଂଟ

ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ସହେତେ ଦେଶର୍ ସବୁ ଅଖିଳ ଭାରତ୍ ଆୟୁର୍ବିଜ୍ଞାନ୍ ପ୍ରତିଷ୍ଠାନ୍- ଏମ୍ସ ନ ସୌରଶକ୍ତି ପ୍ଲାଂଟ୍ ଥାପ୍‌ନାର୍ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ବିଦ୍ୟୁତ୍ କାଟ୍ ବେଲେ ଚିକିତ୍ସାଥି ଯେନ୍ତା ବାଧା ନାଇଁ ହେବା ହେଥିର୍‌ଲାଗି ସୌର ଶକ୍ତି ପ୍ଲାଂଟ୍ ଥାପ୍‌ନାର୍ ନିଷ୍ପତି ନିଆଯାଇଛେ । ଇ ପ୍ଲାଂଟ୍ ରାଜ୍ୟମାନେ କାର୍ଯ୍ୟକାରୀ କର୍‌ବେ ବଲି ନିର୍ଦ୍ଦେଶ୍‌ଥି କୁହାଯାଇଛେ ।

## ଭିସୁଟ୍-ଜାତୀୟସ୍ତରୀୟ ସିମ୍ପୋଜିୟମ୍ ରିଜୋନେନ୍ସ

ସମ୍ବଲପୁର ସମ୍ବାଦଦାତା

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ-ଭିସୁଟ୍‌ର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ସୋସାଇଟି ତର୍‌ଫୁ ଜାତୀୟସ୍ତରୀୟ

ସିମ୍ପୋଜିୟମ୍ ରିଜୋନେନ୍ସ ହେଇଯାଇଛେ । ହେଥି କୁଲପତି ପ୍ରଫେସର ବଂଶୀଧର ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ଭିସୁଟ୍ ସହେତେ ଦେଶର୍ ଭିନ୍ ଭିନ୍ ବୈଷୟିକ ଅନୁଷ୍ଠାନ୍‌ର ଛାତ୍ରଛାତ୍ରୀ ସନ୍ଦର୍ଭ ଉପସ୍ଥାପନ୍ କରିଥିଲେ ।

ସ୍ୱଚ୍ଛତା ପକ୍ଷ ପାଲିତ୍                     ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରର୍ ଅଇଁଠାପାଲି ନ ଥିବାର୍ ସହରାଂଚଲ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନ ସ୍ୱଚ୍ଛତା ପକ୍ଷ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଡାକ୍ତର୍ ସନ୍ତୋଷ୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆଲୋଚନାଚକ୍ରଥି ସ୍ୱାସ୍ଥ୍ୟକର୍ମଚାରୀ, ଆଶାକର୍ମୀ ଆଉ ସ୍ୱେଚ୍ଛାସେବୀ ମାନେ ଭାଗ୍ ନେଇଥିଲେ । ଇତାର୍‌ସଙ୍ଗେ ସଭେ ମିଶିକରି ଡାକ୍ତର୍‌ଖାନା ପରିସର ସଫେଇ କରିଥିଲେ ।

ପାଣିପାଗ               ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟକେ ଉତର୍ ପଶ୍ଚିମ ଦିଗୁ ଶୁଖା ପବନ୍ ବୁହିବାର୍ ସମ୍ଭାବନା ଥିବାର୍‌ନୁ ଆଏଜ୍‌ଠାନୁ ତାତି ଆହୁରି ବଢ଼୍‌ବା ଆଉ ଆଏବା ଦିନ୍

ମାନ୍‌କେ ୬ ନୁ ୮ ଡିଗ୍ରୀତକ୍ ତାତି ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ବୌଦ୍ଧ, ବର୍‌ଗଡ୍, ସୁନ୍ଦର୍‌ଗଡ୍, ବଲାଙ୍ଗିର୍ ଜିଲ୍ଲା ନ ତାତି ୪୦ ଡିଗ୍ରୀ ଉପର୍‌କେ ଡେଗ୍‌ବା ଆର୍ ଜବର୍ ଗରମ୍ ହେବା । ସେନ୍ତା ସମୁଦ୍ରକୁଲିଆ ଜିଲ୍ଲାମାନ୍‌କେ ଅଏତ୍‌କା ଆର୍ଦ୍ରତାର୍ ଲାଗି ଗୁଲ୍‌ଗୁଲି ଜହ ହେବା ।